## କୃଷି ସୂଚନା ସେବା (ଧାନ)
## ଭା.କୃ.ଅନୁ.ପ-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

**ଅଂପନ୍ ୨୦୨୦ ବାତ୍ୟା ପରବର୍ତ୍ତୀ କୃଷି ସେଚେତନତା :**

- ସହଜ ଅମଳ ନିମନ୍ତେ, ଅମଳ ହୋଇନଥିବା ଧାନ ଶସ୍ୟକୁ ଅମଳ କରିବା ପାଇଁ ଜମିରହିଥିବା ଜଳକୁ ନିଷ୍କାସନର ସୁବିଧା କରନ୍ତୁ ।
- ଅମଳ ହୋଇନଥିବା, ବଳକା ଥିବା ଧାନ ଶସ୍ୟକୁ ଯଥାଶୀଘ୍ର ଅମଳ କରନ୍ତୁ । ଅମଳ ହୋଇଥିବା ଶସ୍ୟଗୁଡ଼ିକୁ ଖରାରେ ଶୁଖାଇ ଶସ୍ୟର ଆର୍ଦ୍ରତା ୧୪ ପ୍ରତିଶତ ରଖି ସୁରକ୍ଷିତ ଭାବରେ ସଂରକ୍ଷଣ କରନ୍ତୁ ।
- ବର୍ଷାଜଳରେ ପ୍ରଭାବିତ ହୋଇଥିବା ଗଚ୍ଛିତ ଖାଦ୍ୟଶସ୍ୟକୁ ଭଣ୍ଡାରରୁ ବାହାର କରି ସୁରକ୍ଷିତ ସଂରକ୍ଷଣ ଆର୍ଦ୍ରତା (୧୪ ପ୍ରତିଶତ ଆର୍ଦ୍ରତା) ପର୍ଯ୍ୟନ୍ତ ଶୁଖାଇ ପୁଣିଥରେ ଭଣ୍ଡାରରେ ଗଚ୍ଛିତ କରନ୍ତୁ ।
- ମହଜୁଦ୍ ଥିବା ଶସ୍ୟ ଭଣ୍ଡାରରେ ପୋକ ଜନିତ ସମସ୍ୟା ଦେଖାଗଲେ, ଯଥାଶୀଘ୍ର ଆଲୁମିନିୟମ୍ ଫସ୍ ଫାଇଡ୍ ବଟିକା ରୁଦ୍ଧ କୋଠରୀ ମଧ୍ୟରେ ପ୍ରୟୋଗ କରି ବିଶୋଧନ କରନ୍ତୁ । ପ୍ରତି ଟନ୍ ଖାଦ୍ୟଶସ୍ୟ ପିଛା ତିନିଗୋଟି ଆଲୁମିନିୟମ୍ ଫସ୍ ଫାଇଡ୍ ବଟିକା ବ୍ୟବହାର କରିବା ଆବଶ୍ୟକ । ଔଷଧ ପ୍ରୟୋଗ ଠାରୁ ଅତିକମ୍ ରେ ୭ ରୁ ୧୦ ଦିନ ପର୍ଯ୍ୟନ୍ତ କୋଠରୀ ବନ୍ଦ ରଖିବା ଆବଶ୍ୟକ । ଆବାଶିକ ବା ଲୋକ ଚଳପ୍ରଚଳ ସ୍ଥାନମାନଙ୍କରେ ଧୂଆଁଦ୍ୱାରା ବିଶୋଧନ କରାଯିବା ଅନୁଚିତ୍ ।
- ଆଲୁମିନିୟମ୍ ଫସ୍ ଫାଇଡ୍ ବଟିକାକୁ ସୁତାକନାରେ ଗୁଡାଇ ଧାନ ବସ୍ତା ଗଦେଇଥିବା ଜାଗାରେ ରଖନ୍ତୁ । ପରେ ଏହାକୁ ଟାରପୋଲିନ୍ ସାହାର୍ଯ୍ୟରେ ଭଲଭାବେ ଘୋଡାଇ ଦିଅନ୍ତୁ ଯେପରିକି ଧୂଆଁ ବାହାରକୁ ଯାଇପାରିବନି ।
- ମାଟିର ଆର୍ଦ୍ରତା ବ୍ୟବହାର କରି ଜମି ହଳ କରି ପ୍ରସ୍ତୁତ କରନ୍ତୁ ।
- ମାଟିରେ ବାତ୍ୟା ଜନିତ ବର୍ଷା ଯୋଗୁଁ ଆର୍ଦ୍ରତା ଥାଏ । ଏହାକୁ ବ୍ୟବହାର ପାଇଁ ଜମିରେ ଧଣିଚା ବିହନ ବୁଣି ଦିଅନ୍ତୁ ।
- ପାଣି ଦ୍ୱାରା ସଂକ୍ରମଣ ନ ବ୍ୟାପିବା ପାଇଁ ନଦି କିମ୍ବା ପୋଖରି ଜଳାଶୟରେ ଭାଷୁଥିବା ମୃତଦେହ, ଅଳିଆ, ଆବର୍ଜନା ସବୁ ତୁରନ୍ତ ପରିଷ୍କାର କରିଦିଅନ୍ତୁ । ଗାଇ, ମଇଁଷି, ପକ୍ଷୀ, ଅନ୍ୟ ପଶୁମାନଙ୍କ ମୃତଦେହ ପାଣିରୁ କାଡି ୭-୮ ଫୁଟ୍ ଗାତ କରି ଲୁଣ ଏବଂ ଲେମ୍ବୁ ପକାଇ ପୋତି ଦିଅନ୍ତୁ ଫଳରେ ଜଳ ଦ୍ୱାରା ସଂକ୍ରମିତ ହୋଇ ବ୍ୟାପିବା ମହାମାରୀକୁ ରୋକାଯାଇପାରିବ ।